# ସତ୍ୟବାଦୀ ମାରୁତି ସେନା ଶାଖା ପକ୍ଷରୁ ରିଲିଫ୍ ବଣ୍ଟନ



**ସାକ୍ଷୀଗୋପାଳ,୧୪।୯/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲାରେ ବନ୍ୟା ଛାଡ଼ିଯାଇଥିବା ବେଳେ ଲୋକମାନଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସତ୍ୟବାଦୀ ମାରୁତି ସେନା ପକ୍ଷରୁ କଣାସ ବ୍ଲକ୍‌ର ଗଡ଼ବଡପୁଟ ପଞ୍ଚାୟତର ବୀରକେଶରୀପୁର ଓ ବେହେଣ୍ଟା ଗ୍ରାମର ବନ୍ୟା ପୀଡିତ ଗରିବ ଅସହାୟ ପରିବାରଙ୍କୁ ରିଲିଫ ବଣ୍ଟନ କରାଯାଇଥିଲା । ଚୂଡା, ଗୁଡ, ବିସ୍କୁଟ, ଅମୁଲ ଆଦି ସାମଗ୍ରୀ ମାରୁତି ସେନାର ସତ୍ୟବାଦୀ ଶାଖା ସଭାପତି ସନ୍ତୋଷ କୁମାର ପଣ୍ଡାଙ୍କ ନେତୃତ୍ୱରେ ବଣ୍ଟାଯାଇଥିଲା । ଏଥିରେ ସାମାଜିକ କର୍ମୀ ଭରତ ରାଉତ ଓ ୱାର୍ଡ ସଭ୍ୟ ପ୍ରକାଶ ମିଶ୍ରଙ୍କ ସହିତ ରବି ନାରାୟଣ ଦାସ, ସନ୍ତୋଷ ମହାପାତ୍ର, ଓମ୍ ସତ୍ୟପ୍ରକାଶ ସାହୁ, ବାବୁଲି ପ୍ରଧାନ, ଶ୍ରୀକାନ୍ତ ପ୍ରଧାନ, ପ୍ରଭାକର ଜେନା, ରତ୍ନାକର ସାହୁ, ଦାମୋଦର ଜେନା, ସୁଶାନ୍ତ କୁମାର ସାହୁ, ଜୟନ୍ତ ସ୍ୱାଇଁ, ଅନୀଲ କୁମାର ସ୍ୱାଇଁ, ରିନା ପରିଡା, ଭାଗୀରଥି ନାୟକ, ତ୍ରିନାଥ ବେହେରା ପ୍ରମୁଖ ସହଯୋଗ କରିଥିଲେ ।